## ସଂକ୍ଷେପରେ

### ଜନପ୍ରତିନିଧିଙ୍କୁ ପ୍ରଶିକ୍ଷଣ

**କାମାକ୍ଷାନଗର, ୨୬।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଉନ୍ନତିରେ ଦେଶର ଉନ୍ନତି ହେବ ବୋଲି ମତପ୍ରକାଶ ପାଇଥିଲା। ବିଡିଓ ବିକାଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ଆକାଉଣ୍ଟ ଅଫିସର ଧୀରେନ ନାୟକ, ଏବିଡିଓ ଝରଣା ସାମଲ, ସହକାରୀ ଯନ୍ତ୍ରୀ ରଞ୍ଜିତ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସାରୁଆଳି ସମିତିସଭ୍ୟ ଶ୍ରୀପତି ନାୟକଙ୍କ ପରଲୋକରେ ପ୍ରଥମେ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ୭ଦିନିଆ ପ୍ରବଚନ କାର୍ଯ୍ୟକ୍ରମ

**ଭୁବନ, ୨୬।୧୧(ଡି.ଏନ୍.ଏ.):** ଭୁବନ ଶ୍ରୀରାମ ମନ୍ଦିରରେ ୭ଦିନ ଧରି ଚାଲିଥିବା ଆଧାତ୍ମିକ ଚେତନା ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ହରିୟାଣାର ସନ୍ଥ ରମଣାନନ୍ଦ ପୁରୀ ସରସ୍ୱତୀ, ମଧ୍ୟପ୍ରଦେଶ ଓଁକାରେଶ୍ୱର କ୍ଷେତ୍ରର ଦେବାନନ୍ଦ ସରସ୍ୱତୀ, ବୃନ୍ଦାବନର ସନ୍ଥ ପ୍ରୀତମ୍ ଦାସ ସରସ୍ୱତୀ, ଶ୍ରୀଜଗନ୍ନାଥ ମହାରାଜ, ପାଲଲହଡ଼ାର ସନ୍ଥ ନିର୍ଲିପ୍ତାନନ୍ଦ ସରସ୍ୱତୀ, ନୟାଗଡ଼ର ସନ୍ଥ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ, ତାଳଚେରର ସନ୍ଥ କୃଷ୍ଣଦାସାନନ୍ଦ ସରସ୍ୱତୀ, ସୁରପ୍ରତାପପୁରର ସନ୍ଥ ସନ୍ତୋଷ ଚୈତନ୍ୟ ମହାରାଜା, ଶ୍ରୀକ୍ଷେତ୍ର ଧାମର ସନ୍ଥ ବ୍ରହ୍ମାନନ୍ଦ ମହାରାଜା, ଜୟଗୋପାଳ ଦାସ ମହାରାଜ ବକ୍ତାଭାବେ ଯୋଗଦେଇ ରାମଚରିତ ମାନସ, ରାମାୟଣ, ମହାଭାରତ ଉପରେ ପ୍ରବଚନ ଦେଇଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସମବେତ ହୋଇ ରାମକଥା ଶ୍ରବଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ସାଧୁସନ୍ଥମାନେ ବୁଦ୍ଧେଶ୍ୱର ଶୈବପୀଠରେ ମହାଦେବଙ୍କ ଅଭିଷେକ କରିଥିଲେ। ଏଥିସହ ପୀଠ ପରିସରରେ ୧୧ଟି ନଡ଼ିଆ ଚାରା ରୋପଣ କରିଥିଲେ।

### କୋଇଲା ଗାଡ଼ି ଜବତ, ୨ ଅଟକ

**ଭୁବନ ,୨୬।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ପୋଲିସ ଶନିବାର ସନ୍ଧ୍ୟାରେ ଏକ ଚୋରା କୋଇଲା ବୋଝେଇ ମିନିଟ୍ରକ୍ (ନଂ. ଓଆର୍ ୧୯ ଜି ୧୬୧୧) ଜବତ କରିଛି। ୫୫ନଂ. ଜାତୀୟ ରାଜପଥର ବାଟତାରିଣୀ ମନ୍ଦିର ନିକଟରେ ପାଟ୍ରୋଲିଂ ଚାଲିଥିବାବେଳେ ସନ୍ଦେହଜନକ ଅବସ୍ଥାରେ ଆସୁଥିବା ଉକ୍ତ ଗାଡ଼ିକୁ ଅଟକ ରଖାଯାଇଥିଲା। ତନାଘନା ବେଳେ ଏଥିରେ ଚୋରା କୋଇଲା ଥିବା ଜଣାପଡ଼ିଥିଲା। ଏହି ଘଟଣା ଗାଡ଼ି ଡ୍ରାଇଭର ଏବଂ ଅନ୍ୟ ଜଣେ ବ୍ୟବସାୟୀଙ୍କୁ ଅଟକ ରଖାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ‘ସାପୁଆ’ ବିକାଶ ପାଇଁ ତତ୍ପରତା

- ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ପ୍ରୟାସ
- ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ


ଜିଲାପାଳ ସରୋଜ କୁମାର ସେଠୀ ସାପୁଆ ଡ୍ୟାମ୍ ପରିଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୬।୧୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ‘ସାପୁଆ’ରେ ରହିଛି ପର୍ଯ୍ୟଟନର ଅପାର ସମ୍ଭାବନା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ସ୍ଥାନକୁ ଆକର୍ଷିତ ହୋଇ ବହୁସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ଏହି ଜଳଭଣ୍ଡାରକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ସହ ଏହାର ଆନୁଷଙ୍ଗିକ ବିକାଶ ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ସରୋଜ କୁମାର ସେଠୀ ଶନିବାର ସାପୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିବା ସହ ଏହାର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏଥିରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ଜିଲାପାଳ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ମାନ ପରୀକ୍ଷା କରିଥିଲେ। ଏଥିସହ ହିନ୍ଦୋଳ ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍ ବୁଲି ଦେଖିବା ସହ ନୂତନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ରାସୋଳ ହାଇସ୍କୁଲରେ ହେଉଥିବା ଦଶମ ଶ୍ରେଣୀ ସମ୍ମେଟିଭ୍ ପରୀକ୍ଷା ଅନୁଧ୍ୟାନ କରିଥିଲେ। ହିନ୍ଦୋଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ଶେଷରେ ଜିଲାପାଳ ଚିଲତଇଲାସ୍ଥିତ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ଗଣ୍ଡାନାଳୀରେ ନୂତନ ଗୃହ ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ।

# ଡିସେମ୍ବର ୨୬ରୁ ସପ୍ତଶଯ୍ୟା ମହୋତ୍ସବ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

କଳା, ସଂସ୍କୃତିକୁ ନୂଆ ରୂପରେଖ ଦେବା ସହ ଡିଜାଇନରଙ୍କୁ ଶିଳ୍ପୀଙ୍କ ସହ ସଂଯୋଗ କରାଇବାକୁ ସପ୍ତଶଯ୍ୟା ଫାଉଣ୍ଡେଶନ ପକ୍ଷରୁ ଡିସେମ୍ବର ୨୬ରୁ ଆରମ୍ଭ ହେବ ସପ୍ତଶଯ୍ୟା ମହୋତ୍ସବର ତୃତୀୟ ସଂସ୍କରଣ। ଏହା ୪ଦିନ ଧରି ଡିସେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲା ନବଜୀବନପୁର ସଦେଇବେରେଣୀ କଳାକୃତି ଗ୍ରାମଠାରେ ଚାଲିବ। ଏ ନେଇ ଶନିବାର ଭୁବନେଶ୍ୱରସ୍ଥିତ ଆଦିବାସୀ ସଂଗ୍ରହାଳୟଠାରେ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହୋତ୍ସବରେ ସମସ୍ତ ପ୍ରକାରର ହସ୍ତତନ୍ତ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ଗୋଟିଏ ସ୍ଥାନରେ ଦେଖିବାକୁ ମିଳିବ। ବିଭିନ୍ନ କ୍ଷେତ୍ରର କୁଶଳୀ କାରିଗର ୧୦ଜଣିଆ ଟିମ୍ ଗଠନ କରି ନୂଆ ତଥା ଭିନ୍ନଧରଣର କାରୁକାର୍ଯ୍ୟପୂର୍ଣ୍ଣ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ଚଳିତ ବର୍ଷ ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରକାରର ଧାତୁ ଏବଂ ଅଣଧାତୁ କାରିଗରି ସାମଗ୍ରୀ ଯଥା – ସଦେଇବେରେଣୀ, ନୂଆଗାଁର ଡୋକ୍ରା, କରମୂଳର ଧାତୁ ଅଳଙ୍କାର, ଭୁବନର କଂସାପିତ୍ତଳ, କଟକର ତାରକସି, ଢେଙ୍କାନାଳର ବାଉଁଶ, ବଡଯୋଡର ସବାଇ ଘାସ, କେନ୍ଦୁଝରର ପେପର ମାଚେ, ସୋନପୁରର ଟେରାକୋଟା ଏବଂ ଭୁବନେଶ୍ୱରର ଆପିଲିକ୍ ଆଦିକୁ ଅନ୍ତର୍ଭୁକ୍ତ କରାଯିବ। ଫାଉଣ୍ଡେଶନର ପ୍ରତିଷ୍ଠାତା ଗାୟତ୍ରୀ ରଥ କହିଛନ୍ତି, ପାରମ୍ପାରିକ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ଏବଂ ସପ୍ତଶଯ୍ୟାର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ହେଉଛି ଏହି ମହୋତ୍ସବ ଆୟୋଜନର ଅନ୍ୟତମ ଲକ୍ଷ୍ୟ। ଡିଜାଇନର ତଥା ଗବେଷକ ସିଦ୍ଧାର୍ଥ ମହାନ୍ତିଙ୍କ ଦ୍ୱାରା ଚଳିତ ବର୍ଷର ମହୋତ୍ସବ ପରିଚାଳିତ ହେଉଛି। ଖବରଦାତା ସମ୍ମିଳନୀରେ ଆଶିଷ ଧୀର, ଜାଗୃତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରୋବୋ ପଦ୍ଧତି ରୋକିବ ଦୁର୍ଘଟଣା

## ଟାଟାଷ୍ଟିଲ୍ କମ୍ପାନୀରେ ଆଧୁନିକ ୱାଗନ ଟିପ୍ଲର କାର୍ଯ୍ୟ ଶୁଭାରମ୍ଭ



ଆଧୁନିକ ୱାଗନ ଟିପଲର କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୬।୧୧**

ୱାଗନ ଅନଲୋଡିଂ ସମୟରେ ଦୁର୍ଘଟଣା ଏଡ଼ାଇବା ପାଇଁ ଢେଙ୍କାନାଳ ଟାଟା ଷ୍ଟିଲ୍ ମେରାମଣ୍ଡଳୀରେ ‘ର ମ୍ୟାଟେରିଆଲ ହାଣ୍ଡଲିଂ ସିଷ୍ଟମ୍ ଅପରେଶନ’ରେ ରୋବୋ ସୁବିଧାଯୁକ୍ତ ଅତ୍ୟାଧୁନିକ ୱାଗନ ଟିପଲର ବ୍ୟବସ୍ଥା ଗତ ୨୩ ତାରିଖରୁ ଆରମ୍ଭ ହୋଇଛି। ଟାଟା ଷ୍ଟିଲ୍ ସପ୍ଲାଏ ଚେନ୍ ଓ ଗ୍ରୁପ ଷ୍ଟ୍ରାଟେଜିକ୍ ପ୍ରୋକ୍ୟୁରମେଣ୍ଟ ଉପସଭାପତି ପୀୟୂଷ ଗୁପ୍ତା ଏବଂ ଅପରେଶନ ବିଭାଗ ଉପସଭାପତି ସୁବୋଧ ପାଣ୍ଡେ ଏହାର ଉଦ୍‌ଘାଟନ କରିଥିଲେ। ଉପସଭାପତି ଗୁପ୍ତା ନିଜ ଅଭିଭାଷଣରେ କହିଲେ, ଦଳଗତ କାର୍ଯ୍ୟ କରିବା ଦ୍ୱାରା ସମସ୍ୟାର ସହଜ ସମାଧାନ ହୋଇପାରିବ। ଶୁଭାରମ୍ଭ ହୋଇଥିବା ନୂତନ ବ୍ୟବସ୍ଥା ଏହାର ଏକ ଉଦାହରଣ। ଏଭଳି ଅଭିନବ ପ୍ରଣାଳୀକୁ ଜାମସେଦପୁର ଓ କଳିଙ୍ଗନଗରରେ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। କମ୍ପାନୀରେ ବିପଦ ଏଡ଼ାଇବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଆଧୁନିକ ୱାଗନ ଟିପଲର ସୁରକ୍ଷିତ ଭାବେ ରେକ୍ ଅନଲୋଡିଂ ଚକ୍ର ସମୟ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଉପସଭାପତି ପାଣ୍ଡେ କହିଲେ, ପରିବେଶ ସୁରକ୍ଷା ଏବଂ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ଶ୍ରେଷ୍ଠ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯାଉଛି। ଏହି ନୂତନ ସଂସ୍ଥାପନ ପ୍ରଣାଳୀରେ ସ୍ୱୟଂଚାଳିତ ଡ୍ରପ୍ ଗେଟସ୍ ସହିତ ଲେଜର କଟେନ୍ସ, ରୋବୋଟିକ୍ ଡି କପଲିଂ ଏବଂ କପଲିଂ ଅପରେଶନ୍ସ, ଟିପଲର କମ୍ପ୍ଲେକ୍ସ ମଧ୍ୟରେ ସ୍ମାର୍ଟ ଆକ୍‌ସେସ କଂଟ୍ରୋଲ, ୱାଗନ କ୍ଲିନିକ ସିଷ୍ଟମ ଏବଂ ସ୍ୱୟଂଚାଳିତ ସାଇଡ୍ ଆର୍ମଚାର୍ଜର ଅପରେଶନ ଅନ୍ତର୍ଭୁକ୍ତ। ଉପକରଣ ସମ୍ପର୍କିତ କାର୍ଯ୍ୟ ଜାରି ରହିଥିବା ବେଳେ ଅନାଧିକୃତ ପ୍ରବେଶକୁ ବନ୍ଦ କରିବା ପାଇଁ ସ୍ୱୟଂଚାଳିତ ଗେଟ୍ ଲକିଂ ବ୍ୟବସ୍ଥା ସହ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଥିବା ସ୍ମାର୍ଟ ଫେନ୍‌ସିଂ ପ୍ରଣାଳୀ ସହିତ ସଂଲଗ୍ନ କରାଯାଇଛି ବୋଲି କମ୍ପାନୀର ଚିଫ୍ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ସରଭେଶ କୁମାର ସୂଚନା ଦେଇଛନ୍ତି।

# ପ୍ରତିଭାକୁ ସେବାରେ ବିନିଯୋଗ କର

**ସାତମାଇଲ, ୨୬।୧୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା କଲେଜରେ ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ଯୁକ୍ତ୩ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଭାବତୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ସୁଧାଂଶୁ ବେହେରା, ସମ୍ମାନିତ ଅତିଥି ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ, ସଂସ୍କୃତ ବିଭାଗ ମୁଖ୍ୟ ଡ. କୁମାର ଚନ୍ଦ୍ର ସାହୁ, ଅଧ୍ୟାପକ ସଞ୍ଜୟ ନାୟକ, ଅଧ୍ୟାପିକା ରୁମଲି ନନ୍ଦ, ଅଧ୍ୟାପିକା ଅନିତା ଅଞ୍ଜଳି ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ସେମାନଙ୍କ ବହୁମୂଲ୍ୟ ସମୟକୁ ଠିକ୍ ଭାବେ ଉପଯୋଗ କରିବା ସହ ଲୁକ୍କାୟିତ ପ୍ରତିଭାକୁ ମାନବ ସେବାରେ ବିନିଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ୨ୟ ବର୍ଷ ଛାତ୍ରୀ ମଧୁସ୍ମିତା ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗୀୟ ଅଧ୍ୟାପିକା ଡ. ଲୁଲୁବାଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ରୁ ବ୍ରାହ୍ମଣୀ ବନ୍ଦାଣ, ନାଗନାଥେଶ୍ୱର ମହୋତ୍ସବ


ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୬।୧୧**

ଢେଙ୍କାନାଳ ସଦର ବ୍ଲକ ବ୍ରାହ୍ମଣୀ ନଦୀ ପାର୍ଶ୍ୱ ବଡ଼ନାଗେନାସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ନାଗନାଥେଶ୍ୱର ମହାଦେବଙ୍କ ପୀଠରେ ଆସନ୍ତା ୪ ତାରିଖରୁ ତିନିଦିନ ବ୍ୟାପୀ ନାଗନାଥେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସମାନ୍ତରାଳ ଭାବେ ପ୍ରଥମ ବ୍ରାହ୍ମଣୀ ବନ୍ଦାଣ ଭଳି ଆଧାତ୍ମିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ବ୍ରାହ୍ମଣୀ ନଦୀର ସୁରକ୍ଷା ଏବଂ ମହାଦେବ ନାଗନାଥେଶ୍ୱରଙ୍କ ମାହାତ୍ମ୍ୟର ପ୍ରଚାର ପ୍ରସାର ଏହାର ପ୍ରମୁଖ ଉଦ୍ଦେଶ୍ୟ।

ଏହି ଉପଲକ୍ଷେ ଶନିବାର ଏକ ପ୍ରସ୍ତୁତି ବୈଠକ ବଡ଼ନାଗେନାସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଲୋକକଳା ସଂଘର ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଅପରାହ୍ନରେ ସାଧୁସନ୍ଥଙ୍କ ଉପସ୍ଥିତିରେ ନଦୀ ବନ୍ଦାଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକାଶ ରଥ, ଲକ୍ଷ୍ମଣ ମହାପାତ୍ର, ପ୍ରଶାନ୍ତ ସାହାଣୀ, ସବ୍ୟସାଚୀ ପାଣି, ଶୁଭେନ୍ଦୁ ରାୟ, ଶ୍ରୀବତ୍ସ କୁମାର ଦାସ, ସୁବାସ ସାହୁ, ଶ୍ରୀଧର ବିଶୋଇ, ସତ୍ୟବ୍ରତ ଜେନା, ଅମରେନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସହାୟତା ମିଳିଲେ ସଶକ୍ତ ହେବେ ଭିନ୍ନକ୍ଷମ

**ଢେଙ୍କାନାଳ ଅଫିସ, ୨୬।୧୧**



ଢେଙ୍କାନାଳ ପୁରୁଣା ଚିକିତ୍ସାଳୟ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଐରା’ ପରିଚାଳିତ ଭିନ୍ନକ୍ଷମ ଥଇଥାନ ଓ ସହାୟତା କେନ୍ଦ୍ର ପରିସରରେ ଭିନ୍ନକ୍ଷମ ସହାୟତା ସୂଚନା ଓ ଅଧିକାର ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମନ୍ୱୟ ଓ ଯୋଜନା ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ର ଆଞ୍ଚଳିକ ଉପନିର୍ଦ୍ଦେଶକ ଅଶୋକ ଦାଶ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ଅଧ୍ୟାପକ ଦୀପ୍ତିରଞ୍ଜନ ମହାଲିକ, ସଚେତନ ନାଗରିକ ଫୋରମ୍ ଅଧକ୍ଷ ଭରତ ଦାସ, ସାମାଜିକ କର୍ମୀ ସରୋଜ ଶତପଥୀ, ପିରାମଲ ଫାଉଣ୍ଡେଶନର ସ୍ୱସ୍ତିକ ନାୟକ ପ୍ରମୁଖ ଯୋଗଦେଇଥିଲେ। ସରକାରୀ ସହାୟତା, ଚିକିତ୍ସା ଏବଂ ସେବା ଦ୍ୱାରା ଭିନ୍ନକ୍ଷମମାନେ ସଶକ୍ତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦିବ୍ୟାଙ୍ଗଙ୍କୁ ସହାୟତା ଏବଂ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ‘ଐରା’ର ଅନ୍ତର୍ଯାମୀ ରଥ, ସୌମ୍ୟା ମିଶ୍ର, ଶୁଚିସ୍ମିତା ସେନ, ସୁଶ୍ରୀ ନନ୍ଦ, ମନୀଷା ସିଂ, ଅଭିଜିତ ଅଭିନନ୍ଦନ, ବିବେକ ନାୟକ, ବିଶ୍ୱଜିତ ଜେନା, ସମାପିକା ଜେନା, ଧ୍ୟାନରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ୨୩୦ ଜଣଙ୍କ ଚକ୍ଷୁ ପରୀକ୍ଷା

**ଢେଙ୍କାନାଳ ଅଫିସ, ୨୬।୧୧**

ଢେଙ୍କାନାଳ କୋରିଆଁସ୍ଥିତ ୟୁଏଏଲ୍ ଓଡ଼ିଶା ପକ୍ଷରୁ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କାରଖାନା ଆଖପାଖ ଗ୍ରାମର ୨୩୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ଏବଂ ଔଷଧ ପ୍ରଦାନ କରାଯାଇଥିଲା। ୧୫ଜଣଙ୍କୁ ମୋତିଆବିନ୍ଦୁ ଅପରେଶନ ପାଇଁ ପରାମର୍ଶ ଦିଆଯାଇଛି। କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏନ୍.ପି. ସିହ୍ନା ଶିବିର ଉଦ୍‌ଘାଟନ କରି କହିଲେ, ସିଏସ୍ଆର୍ ପାଣ୍ଠିରୁ କମ୍ପାନୀ ଆଖପାଖରେ ଥିବା ଗ୍ରାମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର, ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଜାରି ରହିଛି। ୱାର୍କସ୍ ମ୍ୟାନେଜର କ୍ଷୀରୋଦ କୁମାର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏସ୍‌ଏଚ୍‌ଜି ଚକ୍ଷୁ ହସ୍ପିଟାଲ ଭୁବନେଶ୍ୱରର ବିଶିଷ୍ଟ ଡାକ୍ତର ଓ ଟେକ୍ନିସିଆନମାନେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।


ଜଣେ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

# ନଦୀପଠାରୁ ମାଟି ଉଠାକୁ ବିରୋଧ



ରାମିଆଳ ନଦୀପଠାରୁ ବେଆଇନ ଭାବେ ମାଟି ଉଠାଯାଉଛି।

**କାମାକ୍ଷାନଗର, ୨୬।୧୧(ଡି.ଏନ୍.ଏ.)**

ନଦୀ ସୁରକ୍ଷା ପାଇଁ ସରକାରୀସ୍ତରରେ ଖର୍ଚ୍ଚ ହେଉଛି ଅନେକ କୋଟି ଟଙ୍କା। ହେଲେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଠିକା କମ୍ପାନୀ ନିୟମକୁ ଫୁଁ କରି ନଈପଠାରୁ ଉତ୍ତୋଳନ କରୁଛି ମାଟି। ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସି ଆଳତୁମା ନିକଟ ରାମିଆଳ ନଦୀ ପଠାରୁ ଶନିବାର ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ, ଯାହାକୁ ତୀବ୍ର ବିରୋଧ କରିଛନ୍ତି ଗ୍ରାମବାସୀ।

ସମ୍ପୃକ୍ତ ଠିକା କମ୍ପାନୀ ପକ୍ଷରୁ ସ୍ପଷ୍ଟ ଦିବାଲୋକରେ ଜେସିବି ମେଶିନ ଲଗାଇ ହାଇୱା ସହାୟତାରେ ନଦୀପଠାରୁ ମାଟି ଚାଲାଣ ହେଉଥିଲା। ଏହା ଜଣାପଡ଼ିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ନଦୀପଠାରୁ ମାଟି ଉଠାଯାଉଥିବାରୁ ବନ୍ଧ ଧସି ଗ୍ରାମକୁ ବିପଦ ଆଶଙ୍କା ରହିଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଏ ନେଇ ପ୍ରଶାସନକୁ ଅବଗତ କରାଇଥିଲେ। କାମାକ୍ଷାନଗର ଆର୍ଆଇ ଗିରୀଶ ଚନ୍ଦ୍ର ସିଂ ଘଟଣାସ୍ଥଳରେ ପହଞ୍ଚି ଜେସିବି ଏବଂ ୨ ହାଇୱା ଜବତ କରିବା ସହ ମାଟି ଖନନ ବନ୍ଦ କରିଥିଲେ।

## ଜେସିବି, ହାଇୱା ଜବତ

ଏ ସଂକ୍ରାନ୍ତରେ ଠିକା କମ୍ପାନୀ ସୁପରଭାଇଜର ଅଜୟ କୁମାର ରାୟ କୁହନ୍ତି, ଏଭଳି ମାଟି ଉଠାଯିବା କଥା ନୁହେଁ। ତେବେ କାହିଁକି ଉଠାଗଲା ସେ ଜାଣି ନ ଥିବା କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ଅଭିଯୋଗର ତଦନ୍ତ କରିବାକୁ ତହସିଲଦାରଙ୍କୁ କୁହାଯାଇଛି। ସେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ‘ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ ଚାଲିବ’

## ଏଏପିର ପ୍ରତିଷ୍ଠା ଦିବସ

**ଢେଙ୍କାନାଳ ଅଫିସ, ୨୬।୧୧**

ଦେଶରେ ଶାସନ କଳର ଭ୍ରଷ୍ଟ ବ୍ୟବସ୍ଥା ଯୋଗୁ ଆମ୍ ଆଦମୀ ପାର୍ଟି (ଏଏପି)ର ଜନ୍ମ। ଏଥିରେ ପରିବର୍ତ୍ତନ ଆଣିବାକୁ ହେଲେ ସମସ୍ତଙ୍କୁ ଏକଜୁଟ ହେବାକୁ ପଡ଼ିବ। ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ ଜାରି ରହିବ ବୋଲି ଶନିବାର ଦଳର ପ୍ରତିଷ୍ଠା ଦିବସରେ ଢେଙ୍କାନାଳରେ ଆୟୋଜିତ କାର୍ଯ୍ୟକ୍ରମରେ ନେତୃବୃନ୍ଦ କହିଛନ୍ତି।

ଏହି ଉପଲକ୍ଷେ ଏକ ବାଇକ୍ ରାଲି କଲେଜ ବାଇପାସ୍‌ଠାରୁ ଆରମ୍ଭ ହୋଇ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରି କୋରିଆଁ ବାଇପାସ୍ ଦେଇ ସପ୍ତଶଯ୍ୟାଠାରେ ସମାପ୍ତ ହୋଇଥିଲା। ସଦର ବ୍ଲକ ସଭାପତି ରାଜକୁମାର ପ୍ରଧାନ, ଉପସଭାପତି ଅନିଲ ସାମଲ, ବ୍ଲକ ଯୁବ ସଙ୍ଗଠକ ଦେବାଶିଷ ବେହେରାଙ୍କ ନେତୃତ୍ୱରେ ବଡ଼ଗିଲା ଛକରେ ଗ୍ରାମ ସଭାପତି ଅମ୍ବୁଜ ସାହୁଙ୍କ ଉପସ୍ଥିତିରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆବାହକ ପଙ୍କଜ କୁମାର ନାୟକ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ମହିଳା ସଭାନେତ୍ରୀ ସ୍ନେହଲତା ମହାନ୍ତି ପ୍ରମୁଖ ଯୋଗଦେଇ ଦୁର୍ନୀତି ବିରୋଧରେ ଆନ୍ଦୋଳନ ଜୋର୍‌ଦାର କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଉପସଭାପତି ପର୍ଶୁରାମ ମହାଭୋଇ, କୋଷାଧକ୍ଷ ଶରତ ଚନ୍ଦ୍ର ଗିରି, ସଦସ୍ୟ ନିତ୍ୟାନନ୍ଦ ପଣ୍ଡା, ରୀନା ଶତପଥୀ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଦୁରକୋଟ ପଞ୍ଚାୟତର ଦିବ୍ୟରଞ୍ଜନ ପଟ୍ଟନାୟକ ନିଜ ସହଯୋଗୀଙ୍କ ସହ ଦଳରେ ଯୋଗ ଦେଇଥିଲେ। ମିଡିଆ ପ୍ରଭାରୀ ଜିତେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ବିକ୍ରମ ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ପରଜଙ୍ଗଠାରେ ଉପସଭାପତି ବିଭୂତି ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ବିଭୁ ରଞ୍ଜନ ସାହୁ, ପରଜଙ୍ଗ ବ୍ଲକ ସଭାପତି ପ୍ରକାଶ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ପରଜଙ୍ଗରୁ ଭାଲୁମୁଣ୍ଡା ଦେଇ ମୁକ୍ତାପଶି ପର୍ଯ୍ୟନ୍ତ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ନେତୃବୃନ୍ଦ।

# ସରାଙ୍ଗ ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ପରଜଙ୍ଗ, ୨୬।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଖାଲପାଳ ଗ୍ରାମ ଖେଳପଡ଼ିଆରେ ବକୁଲ ଏବଂ ଧୀରେନ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଖାଲପାଳକୁ ହରାଇ ସରାଙ୍ଗ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ସରାଙ୍ଗ ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୭୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଖାଲପାଳ ୧୧୦ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ‘ଆମ୍ବା’ ଅଧକ୍ଷ ଅକ୍ଷୟ ବେହେରା, ସମ୍ମାନିତ ଅତିଥି ଭାବେ ଜମ୍ବେଶ୍ୱର ବର୍ମା, ପିତିରି ସରପଞ୍ଚ ଅଶୋକ ବର୍ମା, ସାମାଜିକ କର୍ମୀ ରବିନାରାୟଣ ସାହୁ, ଶ୍ରମିକ ନେତା ଦିଲୀପ ବର୍ମା ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ମୁଖ୍ୟ ପରିଚାଳକ ଧୀରେନ ବର୍ମା, ସହ ପରିଚାଳକ ଦୀପକ ବର୍ମା ଖେଳ ପରିଚାଳନା କରିଥିଲେ। ବକୁଲ ଏବଂ ଧୀରେନ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

